# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10th August – 2025

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଅର୍ଥନୈତିକ କରିଡର ଖୁବ୍ ଶୀଘ୍ର ନିର୍ମାଣ ହେବ; କହିଲେ ମୁଖ୍ୟମନ୍ତ୍ରୀ

- ଢେଙ୍କାନାଳ, ଜଗତ୍‌ସିଂହପୁର, ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରେ ନୂଆ ମେଡିକାଲ କଲେଜ୍ ପ୍ରତିଷ୍ଠା ନେଇ ସରକାରଙ୍କ ନିଷ୍ପତ୍ତି

- ରାଜ୍ୟର ୧୨ଟି ଜିଲ୍ଲାରେ ଆଜିଠାରୁ ଆରମ୍ଭ ହୋଇଥିବା ସାମୂହିକ ଔଷଧ ସେବନ ଅଭିଯାନରେ ୧ କୋଟି ୭୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ଔଷଧ ପ୍ରଦାନ ଲକ୍ଷ୍ୟଧାର୍ଯ୍ୟ

ଏବଂ

- ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ସିଂହ ଦିବସ

## ମୁଖ୍ୟମନ୍ତ୍ରୀ-କୋରାପୁଟ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ହସ୍‌ପିଟାଲଠାରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି- ଜୟପୁର, ବ୍ରହ୍ମପୁର, ଭୁବନେଶ୍ୱର ଅର୍ଥନୈତିକ କରିଡର, ୬ ଲେନ୍ ବିଶିଷ୍ଟ ରାସ୍ତା ଖୁବ୍‌ଶୀଘ୍ର ନିର୍ମାଣ ହେବ।  ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ସମସ୍ତ ଖାଲିପଡିଥିବା ସ୍ୱାସ୍ଥ୍ୟସେବା ପଦବୀ ଖୁବ୍‌ଶୀଘ୍ର ପୂରଣ ସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକ ମାନ ବୃଦ୍ଧି କରିବା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଢେଙ୍କାନାଳ, ଜଗତ୍‌ସିଂହପୁର, ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରେ ମେଡିକାଲ କଲେଜ୍ ସ୍ଥାପନ କରିବେ। ରାଜ୍ୟରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ପରେ ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେଉଛନ୍ତି। ରାଜ୍ୟର ନିରନ୍ତର ବିକାଶ ଧାରାରେ କୋରାପୁଟ ଜିଲ୍ଲାକୁ ସାମିଲ କରାଯାଇଛି। ଗୁରୁତର ରୋଗୀଙ୍କ ପାଇଁ ଅକ୍ସିଜେନ୍‌ର ଅଭାବ ପୂରଣ ଲାଗି ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କରାଯାଉଛି। କୋରାପୁଟ, ନବରଙ୍ଗପୁର ତଥା ଆଖପାଖ ଅଂଚଳବାସୀଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ଚିକିତ୍ସାଳୟ

ସହାୟକ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା ପାଇଁ ଏହା ଏକ ଅନନ୍ୟ ପ୍ରାରମ୍ଭ ବୋଲି ଡକ୍ଟର ମହାଲିଙ୍ଗ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର, ଜୟପୁର, କୋଟପାଡ, ଲକ୍ଷ୍ମୀପୁର, କୋରାପୁଟ ବିଧାୟକ ଉପସ୍ଥିତ ଥିଲେ ।

## ପ୍ରଭାତୀ ପରିଡା-କଳାହାଣ୍ଡି ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦିନିକିଆ **କଳାହାଣ୍ଡି** ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶ୍ରୀମତୀ ପରିଡା ଭବାନୀପାଟଣା ନିକଟସ୍ଥ ଅଟାଙ୍ଗଗୁଡ଼ାସ୍ଥିତ ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । କୃତ୍ରିମ ବୁଦ୍ଧିମତା-ଏଆଇ ମାଧ୍ୟମରେ ପିଲାଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ନେଇ ଏକ ପାଇଲଟ ପ୍ରକଳ୍ପକୁ ଶ୍ରୀମତୀ ପରିଡା ନୀରିକ୍ଷଣ କରିଥିଲେ । ଏହାବ୍ୟତୀତ ଭବାନୀପାଟଣାସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ । ବୈଠକରେ

ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କଳାହାଣ୍ଡି ଜିଲ୍ଲା ଗସ୍ତ ଶେଷ କରି ନୂଆପଡା ଜିଲ୍ଲା ଗସ୍ତ କରିଛନ୍ତି। ଖଡିଆଳ ବିକାଶ ମଂଚ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଦାବିପତ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨୯ ଜଣ ବିଦ୍ୟାର୍ଥୀ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି। ସୁନ୍ଦରଗଡ଼, କନ୍ଧମାଳ ଜିଲ୍ଲାର ଏହି ବିଦ୍ୟାଳୟର ବିଦ୍ୟାର୍ଥୀମାନେ ରାଷ୍ଟ୍ରପତିଙ୍କୁ ରାକ୍ଷୀ ବାନ୍ଧିଛନ୍ତି।

# ଫାଇଲେରିଆ ନିରାକରଣ

ରାଜ୍ୟରେ ଫାଇଲେରିଆ ନିରାକରଣ ଲକ୍ଷ୍ୟ ନେଇ ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ସାମୁହିକ ଔଷଧ ସେବନ ଅଭିଯାନ ଆରମ୍ଭ ହୋଇଛି। ଚଳିତମାସ ୧୯ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଅଧୀନରେ ୧ କୋଟି ୭୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ଔଷଧ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହନ୍ତି.....

# - V/O -

**ସମ୍ବଲପୁର**ଠାରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଜେଏମ୍‌ଯୁ

ଅଡିଟୋରିୟମ୍‌ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଫାଇଲେରିଆ ଔଷଧ ସେବନ ସହ ଏହାର ନିରାକରଣ ପାଇଁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ନାୟକ ଆହ୍ୱାନ ଦେଇଛନ୍ତି। ଏକ ସଚେତନତା ଅଭିଯାନ ରଥର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏହି ରଥ ଜିଲ୍ଲାର ବିଭିନ୍ନ ଗାଁ ବୁଲି ଲୋକଙ୍କୁ ଫାଇଲେରିଆ ନିରାକରଣ ଔଷଧ ସେବନ ପାଇଁ ସଚେତନ କରାଇବ।

**ସୁବର୍ଣ୍ଣପୁର** ଜିଲ୍ଲାର ଫାଇଲେରିଆ ନିରାକରଣ ଅଭିଯାନ ଓ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ତରଭା ବିଜ୍ଞପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ତଡା ସ୍ଥିତ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟରୁ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ଫାଇଲେରିଆ ରୋଗର କାରଣ, ସଂକ୍ରମଣ ଓ ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

## ବିଶ୍ୱ ଜୈବ ଇନ୍ଧନ ଦିବସ

ଜୀବାଶ୍ମ ଇନ୍ଧନର ଏକ ସ୍ଥାୟୀ ଓ ପରିବେଶ ଅନୁକୂଳ ବିକଳ୍ପ ଭାବେ ଜୈବ ଇନ୍ଧନ-ବାୟୋ ଫୁଏଲ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଆଜିର ଦିନକୁ ବିଶ୍ୱ ଜୈବ ଇନ୍ଧନ ଦିବସ ଭାବେ ପାଳନ କରାଯାଉଛି। ଜୈବ ଇନ୍ଧନ ବିଷୟରେ ସଚେତନତା, ବ୍ୟବହାର ଲାଗି ପ୍ରୋତ୍ସାହନ, ଶକ୍ତି ସୁରକ୍ଷା ଏବଂ ସ୍ୱଚ୍ଛ ଇନ୍ଧନ ଭଳି ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଏହି ଦିବସ ପାଳନର ଅନ୍ୟତମ ମୂଳ ଲକ୍ଷ୍ୟ। ୧୮୯୩ ମସିହା ଆଜିର ଦିନରେ ବାଦାମ ତେଲ ବ୍ୟବହାର କରି ବୈଜ୍ଞାନିକ ରୁଡଲଫ୍ ଡିଜେଲ ପ୍ରଥମ ଥର ପାଇଁ ଇଞ୍ଜିନ୍ ଚଳାଇଥିଲେ।

ତାଙ୍କର ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଇଥାଏ। ୨୦୧୫ ମସିହାରୁ ଭାରତ ସରକାରଙ୍କ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରୁଛି।

## ସିଂହ ଦିବସ

ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ  ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି। ଜଙ୍ଗଲରେ ସିଂହମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୧୩ ଅଗଷ୍ଟ ୧୦ ତାରିଖରେ ପ୍ରଥମ ବିଶ୍ୱ ସିଂହ ଦିବସ ପାଳନ କରାଯାଇଥିଲା। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ-ଆଇୟୁସିଏନ୍'ର ଆକଳନ ଅନୁଯାୟୀ, ବିଶ୍ୱବ୍ୟାପୀ ସିଂହ ସଂଖ୍ୟା ୨୩ ହଜାରରୁ ୩୯ ହଜାର ମଧ୍ୟରେ ରହିଛି। ପଶ୍ଚିମ, ମଧ୍ୟ ଓ ପୂର୍ବ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ୨୦୨୦ ସିଂହଗଣନା ଅନୁସାରେ ଭାରତରେ ସିଂହଙ୍କ ସଂଖ୍ୟାରେ ୩୨ ଦଶମିକ ୨ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୫ରେ କରାଯାଇଥିବା ସିଂହ ଗଣନା ଅନୁସାରେ, ଦେଶରେ ସିଂହଙ୍କ ସଂଖ୍ୟା ୮୯୧ ରହିଛି।

## ଗଙ୍ଗାଧର ମେହେର ଜୟନ୍ତୀ

**ନୂଆପଡ଼ା** ଜିଲ୍ଲା ସିନାପାଲିଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସମାରୋହରେ ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟ ମନୁଷ୍ୟ ସମାଜ ପାଇଁ ଅମୃତର ଧାରା ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଗଙ୍ଗାଧର ମେହେରଙ୍କ ପଟ୍ଟଚିତ୍ରରେ

ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅମୃତ ଗଙ୍ଗା ଓ ଇ-ପତ୍ରିକା ସ୍ୱର୍ଣ୍ଣୋଦୟ ଉନ୍ମୋଚିତ ହୋଇଥିଲା।

## ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ପ୍ରତିଯୋଗିତା

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆଜି ସନ୍ଧ୍ୟାରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉଚ୍ଚଶିକ୍ଷା ଓ କ୍ରୀଡାମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ ଭାରତରେ ପ୍ରଥମ ଥର ପାଇଁ ଏହି ବିଶ୍ୱସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଆୟୋଜନ ହେଉଥିବା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଭବ୍ୟ ସାଂସ୍କୃତିକ ପ୍ରଦର୍ଶନ ସହ ଖେଳାଳୀମାନଙ୍କୁ ସ୍ୱାଗତ କରାଯାଇଥିଲା। ୧୮ଟି ବର୍ଗରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଭାରତକୁ ମିଶାଇ ୧୭ଟି ଦେଶର ମୋଟ୍ ୧୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିବା ଏବଂ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଷ୍ଟାଡିୟମ୍‌ରେ ଦର୍ଶକଙ୍କର ପ୍ରବେଶକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ଭାରତରୁ ୯୦ରୁ ଅଧିକ କ୍ରୀଡାବିତ୍ ଏଥିରେ ଭାଗ ନେଇଛନ୍ତି। ଓଡ଼ିଶାର ଅନିମେଷ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞାନ୍ ସାହୁ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।